# ODM PUBLIC SCHOOL

**CLASS :3**
**SUBJECT : ODIA**
**CHAPTER NUMBER: 06**
**CHAPTER NAME : ହାତୀ ମାନିଲା ଏଣ୍ଡୁଅ କଥା**
**SUBTOPIC :କବିତା ଆବୃତ୍ତି ଓ ଅଭ୍ୟାସ-୧,୩ ,୧୩**

CHANGING YOUR TOMORROW

Website: www.odmegroup.org
Email: info@odmps.org
Toll Free: 1800 120 2316
Sishu Vihar, Infocity Road, Patia, Bhubaneswar- 751024

# ହାତୀ ମାନିଲା ଏଣ୍ଡୁଅ  କଥା









ହାତୀ ଆସୁଥିଲା ଶୁଣ୍ଢ ହଲାଇ
ମେଣ୍ଢାପଲ ଦେଖି ଗଲେ ପଳାଇ
ନଈରେ ପଶିଲା ହାତୀ,
ଶୁଣ୍ଢରେ ତାହାର ପିଚିକାରୀ ମାରି
ପାଣିଖେଳେ ଗଲା ମାତି ।



ODM EDUCATIONAL GROUP



ହାତୀର ଖେଳକୁ ଏଣ୍ଡୁଅ ଦେଖି
କହିଲା ତାହାକୁ ତରାଟି ଆଖି
ଅସନା କରୁଛ ପାଣି,
ଜୀବନ ପାଇଁକି ବିପଦକୁ ତୁମେ
ଡାକୁଅଛ ଜାଣି ଜାଣି ।

ଶୁଣ୍ଢକୁ ଉଠାଇ ମୁଣ୍ଡ ହଲାଇ
ହାତୀ ପଚାରିଲା ଏଣ୍ଡୁଅଭାଇ
କହିଲ କହିଲ ମୋତେ,
ଜୀବନପାଇଁ ମୁଁ କେଉଁ ବିପଦକୁ
ଡାକି ଆଣୁଅଛି ସତେ ?



ଏଣ୍ଡୁଅ କହିଲା, ହେ ହାତୀଭାଇ
ମୁଣ୍ଡରେ କି ତୁମ ଅକଲ ନାହିଁ ?
ଦୂଷିତ ହୋଇଲେ ଜଳ,
ଜ୍ୱର, ଝାଡ଼ା, କାଛୁ କୁଣ୍ଡିଆ ରୋଗରେ
ଲୋକେ ହେବେ କଲବଲ ।

ମୁଣ୍ଡକୁ ହଲାଇ କହିଲା ହାତୀ,
ଏଣ୍ଡୁଅଭାଇ ତୁ ମୋହର ସାଥୀ
ମାନୁଛି ତୋହର କଥା,
ସାନ ଦେହ ସିନା ବଡ଼ବଡ଼ କଥା
ସାଇତିଛି ତୋର ମଥା ।

ଅଭ୍ୟାସ -୧ଗୀତଟିକୁ ମନେ ପକାଇ କୁହ ।

ଅଭ୍ୟାସ -୩ ଗୀତରେ ଯେଉଁ ଚିତ୍ର ଦିଆଯାଇଛି ,ସେଥିରେ କିଏ କଣ କରୁଛି ଲେଖ ।

କ –ହାତୀ -------- ରେ ପାଣି ପକାଉଛି ।

ଖ –ପାଣି ଦେଖି ----------ଦୌଡି ପଳେଇଲେ ।

ଗ –ଆଖି ବଡ ବଡ କରି ------------- ହାତୀକୁ ଅନେଇଛି ।

ଘ – ପିଲାଟି ଦେହରେ ------------------ହୋଇଛି ।

ଙ- ପିଲାଟି ନିଜ ଦେହକୁ --------------ହେଉଛି ।

ଅଭ୍ୟାସ-୧୩ ତୁମ ଘର ଲୋକେ ନଦୀ ଓ କୂଅର ଦୂଷିତ ପାଣି ବ୍ୟବହାର କରୁଥିଲେ ତୁମେ କଣ କରିବ ସାଙ୍ଗ ମାନଙ୍କ ସହିତ ଆଲୋଚନା କର ।

ଅଭ୍ୟାସ -୧ଗୀତଟିକୁ ମନେ ପକାଇ କୁହ ।

ଅଭ୍ୟାସ -୩ ଗୀତରେ ଯେଉଁ ଚିତ୍ର ଦିଆଯାଇଛି ,ସେଥିରେ କିଏ କଣ କରୁଛି ଲେଖ ।

କ –ହାତୀ ଶୁଣ୍ଢ ରେ ପାଣି ପକାଉଛି ।

ଖ –ପାଣି ଦେଖି ମେଣ୍ଢାପଲ ଦୌଡି ପଳେଇଲେ ।

ଗ –ଆଖି ବଡ ବଡ କରି ଏଣ୍ଡୁଅ ହାତୀକୁ ଅନେଇଛି ।

ଘ – ପିଲାଟି ଦେହରେ କାଛୁକୁଣ୍ଡିଆ ହୋଇଛି ।

ଙ- ପିଲାଟି ନିଜ ଦେହକୁ କୁଣ୍ଡେଇ ହେଉଛି ।

ଅଭ୍ୟାସ-୧୩ ତୁମ ଘର ଲୋକେ ନଦୀ ଓ କୂଅର ଦୂଷିତ ପାଣି ବ୍ୟବହାର କରୁଥିଲେ ତୁମେ କଣ କରିବ ସାଙ୍ଗ ମାନଙ୍କ ସହିତ ଆଲୋଚନା କର ।

ଉ – ଆମେ ଆମ ଘର ଲୋକଙ୍କୁ ନଦୀର ଜଳ ବ୍ୟବହାର ନକରିବା ପାଇଁ କହିବୁ ।କୂଅର ଜଳକୁ ବ୍ଲିଚିଂ ପାଉଡର ପକାଇ ବିଶୁଦ୍ଧ କରିବୁ ଏବଂ ସେହି ଜଳକୁ ଫୁଟାଇ ଛାଣି ପିଇବା ପାଇଁ କହିବୁ ଓ କୂଅର ଜଳକୁ ବିଶୁଦ୍ଧ ରଖିବା ପାଇଁ ଏକ ଘୋଡଣି ଘୋଡାଇବାକୁ କହିବୁ ।

# ଗୃହକର୍ମ

## ଅଭ୍ୟାସ -୨ କୁ ବହି ଓ ଖାତାରେ କର ।



# ଲବ୍ଧ ଜ୍ଞାନର ଫଳାଫଳ-

ପିଲାମାନଙ୍କର ଶ୍ରବଣ,କଥନ,ଲିଖନ ଓ କବିତା ଆବୃତ୍ତି ଶୈଳୀର ଅଭିବୃଦ୍ଧି ଘଟିବ ।



# THANKING YOU

# ODM EDUCATIONAL GROUP